بسم الله الرحمن الرحيم

**ଖୁତବା ଜୁମା ୩ ଏପ୍ରିଲ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରି ସାହାବି ହଜ୍‌ରତ୍ ତଲହା ବିନ୍ ଉବୈଦୁଲ୍ଲାଃ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓ୍ୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଆଜିକାଲି ପରିସ୍ଥିତି ଅନୁଯାୟୀ ପ୍ରଶାସନ ଯେଉଁ ନିୟମ ପ୍ରଣୟନ କରିଅଛି ତଦନୁଯାୟୀ ପାରମ୍ପରିକ ରୀତିରେ ନିଜ ସମ୍ମୁଖରେ ଲୋକମାନଙ୍କୁ ବସାଇ ଖୁତବା ଦିଆଯାଇ ପାରିବ ନାହିଁ । ତେଣୁ ନିୟମାନୁଯାୟୀ ଯଥାସମ୍ଭବ ଲୋକ ଏକାଠି ହେବାର ଅନୁମିତି ରହିଛି ତଦନୁଯାୟୀ ଆଜି ଏଠାରେ ଜୁମା ନମାଜ଼ ପଢିବାର ବ୍ୟବସ୍ଥା କରାଯାଇଛି ଏବଂ ମସଜିଦରୁ ମୋର ଖୁତବା ଦେବା ପ୍ରଯୁଜ୍ୟ । କାରଣ ସମଗ୍ର ବିଶ୍ୱରେ ବର୍ତ୍ତମାନ ଲକ୍ଷାଧିକ ଲୋକ ଖୁତବା ଶୁଣିବା ଅପେକ୍ଷା ରହିଥାନ୍ତି । ତେବେ ମୋ ସମ୍ମୁଖରେ କେହି ବସିଥାନ୍ତୁ ଅବା ନଥାନ୍ତୁ, ଏହି ଏକତା ରକ୍ଷା କରିବା ପାଇଁ ଆମମାନଙ୍କୁ ସର୍ବଦା ଚେଷ୍ଟା କରିବା ଉଚିତ । ଦୁଆ ମଧ୍ୟ କ୍ରମାଗତ ଭାବେ କରିଚାଲିବା ଉଚିତ । ଅଲ୍ଲାଃତାଲା ଏହି ବିଷମ, ଉତ୍କଟ ପରିସ୍ଥିତି ତଥା ଏହି ସଂକ୍ରମଣକୁ ଦୂର କରନ୍ତୁ ଏବଂ ପୁନର୍ବାର ଆମ ମସଜିଦର ସୌନ୍ଦର୍ଯ୍ୟ ଫେରିଆସୁ ।

ହୁଜୁର ଅନଓ୍ୱର ହଜ଼ରତ ତଲହା ର.ଅଙ୍କ ପୁନର୍ବାର ଚର୍ଚ୍ଚା କରି କହିଲେ ଯେ, ହଜ଼ରତ ଉମର୍ ର.ଅଙ୍କ ଦେହାନ୍ତ ପୂର୍ବରୁ ଖିଲାଫତ୍ ବାବଦରେ ଏକ କମିଟି ଗଠନ କରିଥିଲେ । ଏହି ପରିପ୍ରେକ୍ଷୀରେ ସହୀ ବୁଖାରୀର ଏକ ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି କି ଯେତେବେଳେ ହଜ଼ରତ ଉମର ର.ଅଙ୍କ ଦେହାନ୍ତ ନିକଟତର ହୋଇଥିଲା ସେତେବେଳେ ଲୋକେ କହିଲେ ହେ ଅମିରୁଲ୍ ମୁମିନିନ୍ ! ଆପଣ ଏବେଠାରୁ ଆସନ୍ତା ଖଲିଫା ସଂକ୍ରାନ୍ତରେ ଓସିୟତ୍ (ଇଚ୍ଛାପତ୍ର) କରିଦିଅନ୍ତୁ । ଅତଏବ ସେ କହିଲେ ମୁଁ ଉକ୍ତ ଆସନ ନିମନ୍ତେ କିଛି ଲୋକଙ୍କ ବ୍ୟତୀତ ଅନ୍ୟ କାହାରିକୁ ଉପଯୁକ୍ତ ମଣୁ ନାହିଁ କି ହଜ଼ରତ ମୁହମ୍ମଦ୍ ସ.ଅଙ୍କର ଦେହାନ୍ତ ଏପରି ଅବସ୍ଥାରେ ଘଟିଲା ଯେ, ଆପଣ ଏମାନଙ୍କ ଉପରେ ରାଜି ଥିଲେ ଅର୍ଥାତ ହଜ଼ରତ ଅଲୀ, ହଜ଼ରତ ଉସମାନ୍, ହଜ଼ରତ ଉସମାନ, ହଜ଼ରତ ଜୁବୈର, ହଜ଼ରତ ତଲହା, ହଜ଼ରତ ସାଆଦ୍ ତଥା ଅବଦୁଲ୍ଲାଃ ବିନ୍ ଉମର୍ ତୁମ ସହ ସାମିଲ୍ ରହିବ କିନ୍ତୁ ଏହି ଖିଲାଫତରେ ହଜ଼ରତ ଅବଦୁର୍ ରହମାନ୍ ବିନ ଔଫ୍ ଏବଂ ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ମଧ୍ୟ ତୁମ ସହ ସାମିଲ୍ ରହିବେ କିନ୍ତୁ ଏହି ଖିଲାଫତରେ ତାହାର କୌଣସି ଅଧିକାର ନଥିବ ।

ହୁଜୁର ଅନଓ୍ୱର ଅ.ବ କହିଲେ ଯେ, ହଜ଼ରତ ତଲହା ର.ଅ ହଜ଼ରତ ଉମର୍ ର.ଅଙ୍କ ଓସିୟତ ସମୟରେ ଉପସ୍ଥିତ ନଥିଲେ । ଏକ ବର୍ଣ୍ଣନାନୁଯାୟୀ ଯାହାକୁ ଅଧିକ ସଠିକ୍ ବୋଲି ନିରୂପିତ । ସେ ହଜ଼ରତ ଉସମାନ୍ ର.ଅଙ୍କ ବୈଅତ୍ ପରେ ଉପସ୍ଥିତ ହୋଇଥିଲେ । ଯେତେବେଳେ ହଜ଼ରତ ଉସମାନ୍ ର.ଅ ଶହୀଦ୍ ହେଲେ ସେତେବେଳେ ସମସ୍ତ ବଦର ଯୁଦ୍ଧର ସାହାବାମାନେ ହଜ଼ରତ ଅଲୀଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ସେ କହିଲେ କି ଆମେ କୌଣସି ବ୍ୟକ୍ତି ଉକ୍ତ ଖିଲାଫତ୍ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ମଣୁ ନାହୁଁ । ତେଣୁ ଆପଣ ନିଜର ହାତ ବଢାନ୍ତୁ ଏବଂ ଆମର ବୈଅତ୍ ସ୍ୱୀକାର କରନ୍ତୁ । ସର୍ବପ୍ରଥମ ବ୍ୟକ୍ତି ଯିଏ ହଜ଼ରତ ଅଲୀ ର.ଅଙ୍କ ବୈଅତ କରିଥିଲେ ସେ ହଜ଼ରତ ତଲହା ଥିଲେ ।

ହଜ଼ରତ ତଲହା ର.ଅ ଓ ହଜ଼ରତ ଜୁବୈର୍ ଏବଂ ହଜ଼ରତ ଆଏଶା ର.ଅ ଆଦିଙ୍କ ସମ୍ପର୍କରେ ହଜ଼ରତ ମୁସଲେହ୍ ମଉଦ୍ ର.ଅ କହିଲେ ଯେ, ସେମାନେ ଖିଲାଫତକୁ ଅସ୍ୱୀକାର କରୁନଥିଲେ । ବରଂ ଉସମାନ୍ ର.ଅଙ୍କ ହତ୍ୟାକାରୀଙ୍କ ପ୍ରଶ୍ନ ଉଠୁଥିଲା ଏବଂ ଯେଉଁ ବ୍ୟକ୍ତି ଏହା କହୁଥିଲା କି ସେମାନେ ହଜ଼ରତ ଅଲୀ ର.ଅଙ୍କ ବୈଅତ୍ କରି ନଥିଲେ ସେମାନେ ଭୁଲ୍ ଥିଲେ । ହଜ଼ରତ ଆଏଶା ର.ଅ ନିଜ ଦୋଷ ସ୍ୱୀକାର କରି ମଦିନାରେ ଯାଇ ବସିପଡ଼ିଲେ ଏବଂ ଜୁବୈର୍ ର.ଅ ସେପର୍ଯ୍ୟନ୍ତ ମୃତ୍ୟୁବରଣ

କଲେ ନାହିଁ ଯେପର୍ଯ୍ୟନ୍ତ ହଜ଼ରତ ଅଲୀଙ୍କ ବୈଅତ୍ କରିନଥିଲେ । ପୁନଶ୍ଚ ପରବର୍ତ୍ତୀ ଯେଉଁ କଥାଟି ରହିଛି ତାହା ହେଲା ଯେ, ହଜ଼ରତ ତଲହା ଓ ଜ୍ଜୁବୈର୍ ର.ଅ ଅଶରା ମୁବଶରାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଯାହାଙ୍କ ବାବଦରେ ହୁଜୁର ସ.ଅ ସେମାନଙ୍କୁ ବୈକୁଣ୍ଠବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ ଏବଂ ହୁଜୁର ସ.ଅଙ୍କ ଏହି ଉକ୍ତି ସତ୍ୟ ସାବ୍ୟସ୍ତ ହେବା ଅନିର୍ବାର୍ଯ୍ୟ ଥିଲା। ପୁନଶ୍ଚ ସେ ଏହି ସଂସାରରୁ ବାହୁଡ଼ି ଯିବା ପୂର୍ବରୁ କ୍ଷମା ଭିକ୍ଷା ଓ ଅନୁତାପ କରିନେଇଥିଲେ ।

ହଜ଼ରତ ଉସମାନ ର.ଅଙ୍କ ଶାହାଦତ୍, ହଜ଼ରତ୍ ଅଲୀ ର.ଅଙ୍କର ବୈଅତ୍ କରିବା ତଥା ଜମଲ୍ ଯୁଦ୍ଧର ଚର୍ଚ୍ଚା କରି ହଜ଼ରତ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି କି ହଜ଼ରତ ଉସମାନ ର.ଅଙ୍କ ହତ୍ୟାକାରୀ ବିଭିନ୍ନ ଦିଗରେ ପଳାୟନ କରି ନେଇଥିଲେ ଏବଂ ନିଜକୁ ନିର୍ଦ୍ଦୋଷ ତଥା ନିରୀହ ସାବ୍ୟସ୍ତ କରିବା ପାଇଁ ଅନ୍ୟମାନଙ୍କ ଉପରେ ଦୋଷ ଲଦୁଥିଲେ । ଯେତେବେଳେ ସେମାନଙ୍କୁ ସୂଚନା ମିଳିଲା କି ହଜ଼ରତ ଅଲୀ ର.ଅ ମୁସଲମାନମାନଙ୍କ ଠାରୁ ବୈଅତ୍ ନେଇ ନେଲେ, ସେତେବେଳେ ସେମାନଙ୍କୁ ଆପଣଙ୍କ ଉପରେ ଏହି ଅଭିଯୋଗ/ଦୋଷ ଲଗାଇବାର ସୁନ୍ଦର ଅବସର ମିଳିଗଲା ଏବଂ ଏହା ମଧ୍ୟ ଗ୍ରହଣୀୟ ଥିଲା। କାରଣ ହଜ଼ରତ ଅଲୀ ର.ଅଙ୍କ ନିକଟବର୍ତ୍ତୀ ଲୋକଙ୍କ ମଧ୍ୟରୁ କିଛି ଲୋକ ଉସମାନ ର.ଅଙ୍କ ହତ୍ୟାକାରୀ ଥିଲେ । ଅତଏବ୍ ସେମାନଙ୍କ ମଧ୍ୟରୁ ଯେଉଁମାନେ ମକ୍କା ଅଭିମୁଖେ ପଳାୟନ କରିଥିଲେ ସେମାନେ ହଜ଼ରତ ଆଏଶା ର.ଅଙ୍କୁ ଏକଥା ସତ ବୋଲି ରାଜି କରେଇନେଲେ ଏବଂ ହଜ଼ରତ ଉସମାନ୍ ର.ଅଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଜିହାଦ୍ କରିବାର ଘୋଷଣା କରିବା ପାଇଁ ପ୍ରବର୍ତ୍ତାଇଲେ । ସେ ଏହିପରି କଲେ ଓ ସହାବାମାନଙ୍କୁ ନିଜ ସାହାଯ୍ୟ ପାଇଁ ଡ଼ାକରା ଦେଲେ । ହଜ଼ରତ ତଲହା ଓ ଜ୍ଜୁବୈର୍ ର.ଅ ବୈଅତ ଏହି ମୁହୂର୍ତ୍ତରେ କରିନେଇଥିଲେ କି ସେ ହଜ଼ରତ ଉସମାନ୍ ର.ଅଙ୍କ ହତ୍ୟାକାରୀଙ୍କୁ ଖୁବ୍ ଶୀଘ୍ର ଦଣ୍ଡ ଦେବେ । ଅତଏବ୍ ସେ ଦୁହେଁ ଓ ହଜ଼ରତ ଅଲୀ ର.ଅଙ୍କ ମଧ୍ୟରେ ବୁଝାମଣାର ପାର୍ଥକ୍ୟ ଥିଲା । ସେ ଚିନ୍ତା କରୁଥିଲେ କି ପ୍ରଥମେ ସମସ୍ତ ରାଜ୍ୟର ସୁବ୍ୟବସ୍ଥା କରାଯାଉ ତା'ପରେ ହତ୍ୟାକାରୀଙ୍କୁ ଦଣ୍ଡ ଦେବାରେ ବିଳମ୍ବ ଘଟିଲେ କୌଣସି ଅସୁବିଧା ନାହିଁ । ପୁଣି ହତ୍ୟାକାରୀଙ୍କୁ ଚିହ୍ନଟ କରିବାରେ ମଧ୍ୟ ମତାନ୍ତର ଥିଲା । ଏହି ମତପାର୍ଥକ୍ୟ ଯୋଗୁଁ ହଜ଼ରତ ଅଲୀ ଓ ଜ୍ଜୁବୈର୍ ମନେକଲେ କି ହଜ଼ରତ ଅଲୀ ନିଜ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି । ଯେହେତୁ ସେମାନେ ଏହି ସର୍ତ୍ତରେ ହଜ଼ରତ ଅଲୀ ର.ଅଙ୍କ ବୈଅତ୍ କରିଥିଲେ ଏବଂ ଉକ୍ତ ବୈଅତର ସର୍ତ୍ତ ପୂରଣ ନହେବାରୁ ସେମାନେ ନିଜକୁ ଉକ୍ତ ବୈଅତରୁ ସ୍ୱାଧୀନ ବୋଲି ମନେକରୁଥିଲେ । ଯେତେବେଳେ ହଜ଼ରତ ଆଏଶା ର.ଅଙ୍କ ଘୋଷଣା ସେମାନଙ୍କ ନିକଟରେ ପହଞ୍ଚିଲା ସେତେବେଳେ ସେ ମଧ୍ୟ ଯାଇ ତାଙ୍କ ସହିତ ମିଳିତ ହେଲେ । ଅର୍ଥାତ୍ ହଜ଼ରତ ଆଏଶା ର.ଅ ଓ ସମସ୍ତେ ମିଶି ବସରା ଅଭିମୁଖେ ଚାଲିଗଲେ । ଯେତେବେଳେ ହଜ଼ରତ ଅଲୀ ର.ଅଙ୍କୁ ଉକ୍ତ ସୈନ୍ୟଦଳ ସଂପର୍କରେ ସୂଚନା ମିଳିଲା ସେତେବେଳେ ସେ (ହଜ଼ରତ ଅଲୀ) ମଧ୍ୟ ଏକ ସୈନ୍ୟଦଳ ଗଠନ କଲେ ଏବଂ ବସରା ଆଡ଼କୁ ପ୍ରେରଣ କଲେ । ବସରା ଠାରେ ପହଞ୍ଚିବା ପରେ ଅଲୀ ର.ଅ ଜଣେ ବ୍ୟକ୍ତିଙ୍କୁ ହଜ଼ରତ ଆଏଶା ଓ ତଲହା ଏବଂ ଜ୍ଜୁବୈର୍ ର.ଅ ଆଡ଼କୁ ପ୍ରେରଣ କଲେ । ସେହି ବ୍ୟକ୍ତିଜଣକ ପ୍ରଥମେ ହଜ଼ରତ ଆଏଶାଙ୍କ ସେବାରେ ଉପସ୍ଥିତ ହେଲା ଏବଂ ପ୍ରଶ୍ନ କଲା କି ଆପଣଙ୍କର ଉଦ୍ଦେଶ୍ୟ କ'ଣ ରହିଛି ? ସେ ଉତ୍ତର ଦେଲେ ଯେ, ଆମର ଉଦ୍ଦେଶ୍ୟ କେବଳ ସଂସ୍କାର ଅଟେ । ସେହି ବ୍ୟକ୍ତି ଉତ୍ତର ଦେଲା କି ଯଦି ଆପଣଙ୍କର ଉଦ୍ଦେଶ୍ୟ ସଂସ୍କାର ରହିଛି ତେବେ ଏହାର ପନ୍ଥା ଏହା ନୁହେଁ ଯାହାକୁ ଆପଣ ଅବଲମ୍ବନ କରିଛନ୍ତି ବା ଆପଣେଇଛନ୍ତି ତାହାର ଫଳାଫଳ ତ' ଉପଦ୍ରବ ଅଟେ । ବର୍ତ୍ତମାନ ଦେଶର ଏଭଳି ପରିସ୍ଥିତି ରହିଛି ଯେ, ଯଦି ଆପଣ ଗୋଟିଏ ବ୍ୟକ୍ତିକୁ ବଧ କରିବେ ତେବେ ତାହାର ସମର୍ଥନ ପାଇଁ ହଜ଼ାର ହଜ଼ାର ବ୍ୟକ୍ତିମାନେ ଛିଡ଼ା ହୋଇଯିବେ ଏବଂ ତାହା ସହିତ ସଂଘର୍ଷ ବା ମୁକାବିଲା କରିବେ । ତେବେ ଆହୁରି ଅଧିକ ସଂଖ୍ୟକ ଲୋକମାନେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ । ସୁତରାଂ ସଂସ୍କାର କହିଲେ ଏହା ବୁଝାଯାଏ ଯେ, ପ୍ରଥମେ ଦେଶକୁ ଏକତା ରଜ୍ଜୁରେ ଗ୍ରଥିତ କରାଯାଉ ଓ ପରେ ଦୁଷ୍ଟ ବ୍ୟକ୍ତିଙ୍କୁ ଶାସ୍ତି ଦିଆଯାଉ । ଅନ୍ୟଥା ଉକ୍ତ ଅଶାନ୍ତ ବାତାବରଣରେ କୌଣସି ବ୍ୟକ୍ତିକୁ ଶାସ୍ତି ଦେବାର ଅର୍ଥ ଦେଶରେ ବିଶୃଙ୍ଖଳା ସୃଷ୍ଟି କରିବା ଅଟେ । ଉକ୍ତ କଥାକୁ ଶୁଣି ସେ କହିଲେ ଯଦି ହଜ଼ରତ ଅଲୀଙ୍କ ଏହି ମନ୍ତବ୍ୟ ରହିଛି । ତେବେ ସେ ଆସନ୍ତୁ ଆମେ ତାଙ୍କୁ ଭେଟିବାକୁ ପ୍ରସ୍ତୁତ ଅଛୁ ।

ପ୍ରତ୍ୟୁତ୍ତରରେ ଉକ୍ତ ବ୍ୟକ୍ତି ଜଣକ ହଜ଼ରତ ଅଲୀ ର.ଅଙ୍କୁ ସୂଚିତ କଲା ଏବଂ ଉଭୟ ପକ୍ଷଙ୍କ ପ୍ରତିଷ୍ଠାନିକ ଅନ୍ୟ ବ୍ୟକ୍ତିଙ୍କୁ ଭେଟିଲେ ଏବଂ ନିଷ୍ପତ୍ତି ଗ୍ରହଣ କରାଗଲା ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ଯୁଦ୍ଧ କରିବା ଉଚିତ୍ ନୁହଁ ବରଂ ସନ୍ଧି ସ୍ଥାପନ କରିବା ଉଚିତ୍ ହେବ । ସୁତରାଂ ଯେତେବେଳେ ଉକ୍ତ ସମ୍ବାଦଟି ସବାଇମାନଙ୍କୁ ଅର୍ଥାତ ଅବଦୁଲ୍ଲାଃ ବିନ୍ ସବାର ଦଳ ଅନ୍ତର୍ଭୁକ୍ତ ଥିବା ବ୍ୟକ୍ତିମାନେ ଏବଂ ଯେଉଁମାନେ ହଜ଼ରତ ଉସମାନ୍ ର.ଅଙ୍କୁ ହତ୍ୟା କରିଥିଲେ ସେମାନଙ୍କ ନିକଟକୁ ଉକ୍ତ ସମ୍ବାଦଟି ପହଞ୍ଚିଲା, ସେତେବେଳେ ସେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ ଏବଂ ଗୁପ୍ତ ଭାବରେ ତାଙ୍କର ଏକ ଦଳ ପରାମର୍ଶ ପାଇଁ ଏକତ୍ରିତ ହେଲା । ସେ ପରାମର୍ଶ ପରେ ଏହି ନିଷ୍ପତ୍ତି ନେଲେ ଯେ, ମୁସଲମାନମାନଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହେବାର ଅର୍ଥ ଆମ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ । ଯଦି ସନ୍ଧି ହୋଇ ଏବଂ ଶାନ୍ତି ସ୍ଥାପିତ ହୋଇଯାଏ ତେବେ ଆମମାନଙ୍କ ପାଇଁ କୌଣସି ଉପଯୁକ୍ତ ସୁରକ୍ଷିତ ସ୍ଥାନ ନାହିଁ ଅର୍ଥାତ ଶାସ୍ତିରୁ ଆଉ ନିସ୍ତାର ବା ତ୍ରାହୀ ମିଳିବ ନାହିଁ । ଏଣୁ କଳେବଳେ କୌଶଳେ ସନ୍ଧି ସ୍ଥାପିତ ହେବାକୁ ଦିଅ ନାହିଁ । ଠିକ୍ ଏତିକି ବେଳେ ହଜ଼ରତ ଅଲୀ ର.ଅ ମଧ୍ୟ ପହଞ୍ଚିଗଲେ ଏବଂ ତାଙ୍କର ପହଞ୍ଚିବାର ପରବର୍ତ୍ତୀ ଦିନ ହଜ଼ରତ ଅଲୀ ଓ ହଜ଼ରତ ଜୁବୈର ର.ଅଙ୍କର ସାକ୍ଷାତ ହୋଇଥିଲା । ସାକ୍ଷାତ୍ ବେଳେ ହଜ଼ରତ ଅଲୀ ର.ଅ କହିଲେ କି ଆପଣ ମୋ ସହ ଯୁଦ୍ଧ କରିବା ପାଇଁ ସୈନ୍ୟଦଳ ତ' ପ୍ରସ୍ତୁତ କଲେ କିନ୍ତୁ କ'ଣ ଆପଣ ଅଲ୍ଲାଃତାଲାଙ୍କ ସମକ୍ଷରେ କୌଣସି କାରଣ ଉପସ୍ଥାପିତ କରିବାକୁ ପ୍ରସ୍ତୁତ ଅଛନ୍ତି ? ଆପଣମାନେ ନିଜ ହାତରୁ କାହିଁକି ଇସଲାମ ଧର୍ମକୁ ଧ୍ୱଂସ କରିବାକୁ ଆଗଭର ଅଚନ୍ତି । ଯାହାର ସେବା ଆପଣମାନେ ଅତ୍ୟନ୍ତ ଦୁଃଖକଷ୍ଟ ସହ୍ୟ କରି ସମ୍ପାଦନ କରିଥିଲେ । ମୁଁ କ'ଣ ଆପଣମାନଙ୍କର ଭାଇ ନୁହେଁ ? ତେବେ ଏହା ପଛରେ କେଉଁ କାରଣ ରହିଛି ପ୍ରଥମେ ତ' ପରସ୍ପରକୁ ରକ୍ତାକ କରିବା ଅବୈଧ ବୋଲି ମନେ କରାଯାଉଥିଲା କିନ୍ତୁ ବର୍ତ୍ତମାନ ତାହାକୁ ବୈଧ ବୋଲି ମନେ କରାଯାଉଛି । ଯଦି କୌଣସି ନୂତନ କଥା ଉତ୍ପନ୍ନ ହୋଇଥାଆନ୍ତା ତେବେ ବି ଏକ ପ୍ରକାର କାରଣ ଥିଲା । କିନ୍ତୁ ଯେତେବେଳେ କୌଣସି ନୂତନ କଥା ହୋଇନାହିଁ ସେତେବେଳେ ଏହି ସଂଘର୍ଷ କେଉଁଥିପାଇଁ ? ପ୍ରତ୍ୟୁତ୍ତରରେ ହଜ଼ରତ ତଲହା କହିଲେ କି ସେତେବେଳେ ହଜ଼ରତ ଜୁବୈର ର.ଅ ତାଙ୍କ ସହିତ ଥିଲେ ଆପଣ ହଜ଼ରତ ଉସମାନ୍ ର.ଅଙ୍କୁ ହତ୍ୟା ପରେ ଲୋକମାନଙ୍କୁ ଉସକାଇଛନ୍ତି । ହଜ଼ରତ ଅଲୀ ର.ଅ କହିଲେ ଯେ, ମୁଁ ହଜ଼ରତ ଉସମାନ ର.ଅଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଅଭିଶାପ ଦେଉଛି ଯେ, ଅଲ୍ଲାଃତାଲା ସେମାନଙ୍କ ଉପରେ ନିଜର ଶାସ୍ତି ଅବତୀର୍ଣ୍ଣ କରନ୍ତୁ । ପୁନଶ୍ଚ ହଜ଼ରତ ଅଲୀ ର.ଅ ହଜ଼ରତ ଜୁବୈରଙ୍କୁ କହିଲେ- "କ'ଣ ତୁମକୁ ସ୍ମରଣ ନାହିଁ ଯେ, ରସୁଲୁଲ୍ଲାଃ ସ.ଅ କହିଥିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ତୁମେ ଅଲୀଙ୍କ ସହିତ ଯୁଦ୍ଧ କରିବ ଏବଂ ତୁମେ ଅତ୍ୟାଚାରୀ ହେବ ।" ଏହା ଶୁଣି ହଜ଼ରତ ଜୁବୈର ନିଜ ସୈନଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଦେଶ ଦେଲେ ଏବଂ ଶପଥ କଲେ କି ସେ କସ୍ମିନକାଳେ ହଜ଼ରତ ଅଲୀ ର.ଅଙ୍କ ସହିତ ଯୁଦ୍ଧ କରିବେ ନାହିଁ ଏବଂ ଏହି ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ, ତାଙ୍କର ବୁଝମଣାରେ ତ୍ରୁଟି ରହିଥିଲା । ଯେତେବେଳେ ଉକ୍ତ ସମ୍ବାଦଟି ସୈନ୍ୟଦଳରେ ପ୍ରଚାରିତ ହେଲା, ସେତେବେଳେ ସମସ୍ତେ ଆତ୍ମସନ୍ତୋଷ ଲାଭ କଲେ ଯେ, ବର୍ତ୍ତମାନ ଯୁଦ୍ଧ ହେବ ନାହିଁ ବରଂ ସନ୍ଧି ସ୍ଥାପିତ ହୋଇଯିବ । କିନ୍ତୁ ଉପଦ୍ରବକାରୀଙ୍କ ହୃଦୟରେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ଓ ଆଲୋଡ଼ନ ସୃଷ୍ଟି ହେଲା ଏବଂ ଯେତେବେଳେ ରାତ୍ର ସମୟ ହେଲା ସେତେବେଳେ ସେମାନେ ସନ୍ଧିକୁ ଅବରୁଦ୍ଧ କରିବା ପାଇଁ ଏହି କୌଶଳ ଅବଲମ୍ବନ କଲେ ଯେ, ସେମାନଙ୍କ ମଧ୍ୟରୁ ଯେଉଁମାନେ ହଜ଼ରତ ଅଲୀଙ୍କ ସହିତ ଥିଲେ ସେମାନେ ହଜ଼ରତ ଆଏଶା ର.ଅ ଓ ହଜ଼ରତ ତଲହା, ଜୁବୈର ର.ଅଙ୍କ ସୈନ୍ୟଦଳର ଉପରେ ରାତ୍ରବେଳେ ହଠାତ୍ ଆକ୍ରମଣ କଲେ ଏବଂ ଯେଉଁମାନେ ସେମାନଙ୍କର ସୈନ୍ୟଦଳରେ ରହିଥିଲେ ସେମାନେ ହଜ଼ରତ ଅଲୀ ର.ଅଙ୍କ ସୈନ୍ୟ ଦଳ ଉପରେ ଆକ୍ରମଣ କଲେ । ପରିଣାମ ସ୍ୱରୂପ ଏକ ସ୍ୱର ଉତ୍ତୋଳନ ହୋଇଗଲା ଏବଂ ପ୍ରତ୍ୟେକ ପକ୍ଷ ଏହା ଭାବିବାକୁ ଲାଗିଲେ ଯେ, ପ୍ରତିପକ୍ଷ ଆମ ସହିତ ବିଶ୍ୱାସଘାତ କରିଛି, ଯଦିଓ ପ୍ରକୃତ ପକ୍ଷରେ କହିବାକୁ ଗଲେ ତାହା କେବଳ ସବାଇମାନଙ୍କର ଏକ ଷଡ଼ଯନ୍ତ୍ର ଥିଲା । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ହଜ଼ରତ ଅଲୀ ର.ଅ ଡ଼ାକିଲେ ଯେ, କେହି ବ୍ୟକ୍ତି ଯାଇ ହଜ଼ରତ ଆଏଶା ର.ଅଙ୍କୁ ଏହା ସୂଚିତ କରୁ ଯେ, ଅଲ୍ଲାଃତାଲା ତାଙ୍କ ମାଧ୍ୟମରେ ଉକ୍ତ ଉପଦ୍ରବକୁ ଦୂରୀଭୂତ କରିବେ । ସୁତରାଂ

ହଜ଼ରତ ଆଏଶା ର.ଅଙ୍କ ଓଟ ଆଗକୁ ଆସିଗଲା, କିନ୍ତୁ ପରିଣାମ ଆହୁରି ଭୟାବହ ହୋଇ ଉଠିଲା । ଉପଦ୍ରବକାରୀମାନେ ଯେତେବେଳେ ଏହା ଦେଖିଲି ଯେ ଆମ ଯୋଜନାଟି ଓଲଟା ପଡ଼ିଯାଇଛି । ସେତେବେଳେ ସେମାନେ ହଜ଼ରତ ଆଏଶା ର.ଅଙ୍କ ଓଟ ଉପରକୁ ତୀର ନିକ୍ଷେପ କରିବାକୁ ଆରମ୍ଭ କଲେ । ହଜ଼ରତ ଆଏଶା ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲେ ଯେ, ହେ ବ୍ୟକ୍ତିମାନେ ଯୁଦ୍ଧ କରିବା ବନ୍ଦ କର ଏବଂ ଅଲ୍ଲାଃତାଲା ଓ ବିଚାର ଦିବସକୁ ସ୍ମରଣ କର । କିନ୍ତୁ ଉପଦ୍ରବକାରୀମାନେ ତହିଁରୁ କ୍ଷାନ୍ତ ନହୋଇ ହଜ଼ରତ ଆଏଶା ର.ଅଙ୍କ ଓଟ ଉପରକୁ ଅହରହ ତୀର ବର୍ଷଣ କଲେ । କାରଣ ବସରାବାସୀ ସେହି ସୈନ୍ୟଦଳ ସହିତ ଥିଲେ ଯେଉଁମାନେ ହଜ଼ରତ ଆଏଶା ର.ଅଙ୍କ ଆଖପାଖରେ ଏକତ୍ରିତ ହୋଇଥିଲେ । ସେମାନେ ଏହି ଦୃଶ୍ୟକୁ  ଦେଖି କ୍ରୋଧିତ ହେଲେ ଏବଂ ଉମ୍ମୁଲ୍ ମୁମିନିନଙ୍କ ପ୍ରତି ଏହି ଧୃଷ୍ଟତାକୁ ଦେଖି ସେମାନଙ୍କ କ୍ରୋଧର ଆଉ ସୀମା ରହିଲା ନାହିଁ  ଏବଂ ସେମାନେ ଖଡ଼ଗ ବାହାର କରି ପ୍ରତିପକ୍ଷ ଶତ୍ରୁଙ୍କ ଉପରେ ଆକ୍ରମଣ କଲେ । ବର୍ତ୍ତମାନ ଏହି ଅବସ୍ଥା ହୋଇଗାଲା କି ହଜ଼ରତ ଆଏଶା ର.ଅଙ୍କ ଓଟଟି ଯୁଦ୍ଧର କେନ୍ଦ୍ରଭୂମି ବା ସ୍ଥଳୀ ପାଲଟିଯାଇଥିଲା । ସାହାବାମାନେ ଓ ବଡ଼ବଡ଼ ବୀର ଯୋଦ୍ଧାମାନେ ତାହାର ଆଖପାଖରେ ଏକତ୍ରିତ ହୋଇଗଲେ ଏବଂ ଗୋଟେ ପରେ ଗୋଟେ ନିଜର ପ୍ରାଣାବଳୀ ଦେବାକୁ ଆରମ୍ଭ କରିଦେଲେ । କିନ୍ତୁ ଓଟର ମଙ୍ଗକୁ ସେମାନେ ଛାଡ଼ିଲେ ନାହିଁ । ହଜ଼ରତ ଜ୍ରୁବୈର ର.ଅ ଯୁଦ୍ଧରେ ସମ୍ମିଳିତ ହେଲେ ନାହିଁ ଏବଂ ଗୋଟିଏ ପାର୍ଶ୍ୱ ଆଡ଼କୁ ବାହାରିଗଲେ । କିନ୍ତୁ ଜଣେ ହତଭାଗ୍ୟ ତାଙ୍କ ପଛରେ ଯାଇ ତାଙ୍କୁ ନମାଜ଼ ପାଠ କରୁଥିବା ଅବସ୍ଥାରେ ଦେଖି ମଧ୍ୟ ତାଙ୍କୁ ଶହୀଦ୍ କରିଦେଲା । ହଜ଼ରତ ତଲହା ର.ଅ ଠିକ୍ ଯୁଦ୍ଧଭୂମିରେ ସେହି ଉପଦ୍ରବକାରୀଙ୍କ ହସ୍ତ ଦ୍ୱାରା ବୀରଗତି ପ୍ରାପ୍ତ କରିଥିଲେ । ଏହି ସମସ୍ତ ବୃତ୍ତାନ୍ତରୁ ଏହା ସ୍ପଷ୍ଟ ରୂପେ ପ୍ରକାଶ୍ୟ ହୋଇଯାଉଛି ଯେ, ସେହି ଯୁଦ୍ଧରେ ସାହାବାମାନଙ୍କର କୌଣସି ହସ୍ତକ୍ଷେପ ନଥିଲା ବରଂ ଉକ୍ତ ଦୁଷ୍ଟତା ମଧ୍ୟ ହଜ଼ରତ ଉସମାନ ର.ଅଙ୍କୁ ଶହୀଦ କରିଥିବା ଉପଦ୍ରବକରୀଙ୍କର ହିଁ ଥିଲା ଏବଂ ତାହା ଏହା ଯେ, ହଜ଼ରତ ତଲହା ଓ ଜ୍ରୁବୈର୍ ର.ଅ ହଜ଼ରତ ଅଲୀ ର.ଅଙ୍କ ହସ୍ତରେ ବୈଅତ୍ କରିବା ପରେ ହିଁ ବୀରଗତି ପ୍ରାପ୍ତ କରିଥିଲ । କାରଣ ସେ ନିଜର ଅଭିଳାଷାରୁ ଓହୋରି ଯାଇଥିଲେ ଏବଂ ହଜ଼ରତ ଅଲୀ ର.ଅଙ୍କୁ ସମର୍ଥନ ଦେବାର ପ୍ରତିଶୃତି କରିନେଇଥିଲେ । କିନ୍ତୁ କେତେକ ଖଳ ଓ ଉପଦ୍ରବୀ ବ୍ୟକ୍ତିଙ୍କ ଦ୍ୱାରା ସେ ଶହୀଦ ହୋଇଥିଲେ । ସୁତରାଂ ହଜ଼ରତ ଅଲୀ ସେହି ଉପଦ୍ରବକାରୀଙ୍କୁ ଅଭିଶାପ ଦେଇଥିଲେ ।

ହୁଜ୍ରୁର ଅନୱର ଅ.ବ କହିଲେ: ଜମଲ୍ ଯୁଦ୍ଧ ସମୟରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହଜ଼ରତ ତଲହା ର.ଅଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ କହିଲା କି ତଲହା ତୁମକୁ ମନେ ଅଛି ଯେ, ଅମୁକ ଅବସରରେ ମୁଁ ଓ ତୁମେ ରସୁଲ୍ କରୀମ୍ ସ.ଅଙ୍କର ଯେଉଁ ସଭାରେ ବସିଥିଲେ, ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଥିଲେ ଏଭଳି ଏକ ସମୟ ଆସିବ ଯେ, ତୁମେ ଅନ୍ୟ ସୈନ୍ୟଦଳରେ ଯୋଗଦେଇଥିବ ଏବଂ ଅଲୀ ଅନ୍ୟ ଏକ ସୈନ୍ୟଦଳରେ ଯୋଗଦେଇଥିବେ । କିନ୍ତୁ ଅଲୀ ସତ୍‌ପଥରେ ଥିବେ ଏବଂ ତୁମେ ଅସତ୍ ପଥରେ ଥିବ । ଯେତେବେଳେ ହଜ଼ରତ ତଲହା ଉକ୍ତ କଥା ଶୁଣିଲେ ସେତେବେଳେ ତାଙ୍କର ଚକ୍ଷୁ ଖୋଲିଗଲା ଏବଂ ସେ କହିଲେ ମୋତେ ସେହି କଥାଟି ମନେପଡ଼ିଯାଇଛି ଏବଂ ସେ ସେହି କ୍ଷଣ ଉକ୍ତ ବିରୋଧୀ ସୈନ୍ୟଦଳରୁ ବାହାରି ଆସିଲେ । କିନ୍ତୁ ଯେତେବେଳେ ସେ ବିରୋଧୀ ସୈନ୍ୟଦଳ ଛାଡ଼ି ଯାଉଥିଲେ  ଯେ, ଆଁହଜ଼ରତ ସ.ଅଙ୍କର ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉ ଠିକ୍ ସେତିକିବେଳେ ଜଣେ ହତଭାଗ୍ୟ ବ୍ୟକ୍ତି ଯିଏକି ହଜ଼ରତ ଅଲୀ ର.ଅଙ୍କ ସୈନ୍ୟଦଳର ବ୍ୟକ୍ତି ଥିଲା, ସେ ତାଙ୍କ ପଛକୁ ଯାଇ ତାଙ୍କ ପିଠିରେ ଛୁରାମାଡ଼ କରି ତାଙ୍କୁ ଶହିଦ୍ କରିଦେଲା। ହଜ଼ରତ ଅଲୀ ର.ଅ ନିଜ ସ୍ଥାନରେ ବସିଥିଲେ । ସେହି ହତ୍ୟାକାରୀ ଯିଏ ତଲହା ର.ଅଙ୍କୁ ହତ୍ୟା କରିଥିଲା, ସେ ହଜ଼ରତ୍ ଅଲୀ ର.ଅଙ୍କ ନିକଟକୁ ଦୌଡ଼ି ଆସି ଅତି ଆନନ୍ଦର ସହ ଏହି ସୂଚନା ଦେଲା କି ହଜ଼ରତ ଅଲୀ ର.ଅଙ୍କୁ ଉକ୍ତ ସୂଚନା ଦେଲେ ମୋତେ ପୁରସ୍କାର ମିଳିବ । ସେ କହିଲା ହେ ଅମୀରୁଲ୍ ମୁମିନିନ୍ ! ମୁଁ ଆପଣଙ୍କୁ ଆପଣଙ୍କର ଶତ୍ରୁର ନିହତ ହେବାର ସୂଚନା ଦେଉଛି । ହଜ଼ରତ ଅଲୀ ର.ଅ କହିଲେ କେଉଁ ଶତ୍ରୁ ସେହି ହତ୍ୟାକାରୀ କହିଲା ହେ ଅମୀରୁଲ୍ ମୁମିନିନ୍ ମୁଁ ତଲହା ର.ଅଙ୍କୁ ହତ୍ୟା କରିଦେଇଛି । ହଜ଼ରତ ଅଲୀ ର.ଅ କହିଲେ ହେ ମୂର୍ଖ ବ୍ୟକ୍ତି ! ମୁଁ ମଧ୍ୟ ରୁସୁଲ୍ କରୀମ୍ ସ.ଅଙ୍କ ତରଫରୁ ତୁମକୁ ଏହି ସମ୍ବାଦ ଦେଉଅଛି ଯେ, ତୁ ନର୍କାଗ୍ନିରେ

ନିକ୍ଷେପ ହେବ । କାରଣ ରସୁଲ୍ କରୀମ୍ ସ.ଅ ଏକଦା ଏହି କଥାଟି କହିଥିଲେ ଠିକ୍ ସେତିକିବେଳେ ମୁଁ ଓ ତଲହା ର.ଅ ମଧ୍ୟ ବସିଥିଲୁ । ସୁତରାଂ ଆଁହଜ଼ରତ ସ. ଅ କହିଲେ ହେ ତଲହା ! ତୁମେ ଏକଦା ସତ୍ୟ ଓ ନ୍ୟାୟ ପାଇଁ ତିରସ୍କୃତ ହେବ ଏବଂ ତୁମକୁ ଜଣେ ବ୍ୟକ୍ତି ହତ୍ୟା କରିବ । କିନ୍ତୁ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ନରକାଗ୍ନିରେ ନିକ୍ଷେପ କରିବେ । ଯେତେବେଳେ ହଜ଼ରତ ତଲହା ର.ଅ ଶହୀଦ୍ ହୋଇଥିଲେ ଏବଂ ହଜ଼ରତ ଅଲୀ ସେହି ଶହୀଦ୍ ହୋଇଥିବା ବ୍ୟକ୍ତିଙ୍କ ମୁଖମଣ୍ଡଳରୁ ଓ ହଜ଼ରତ ତଲହାଙ୍କ ମୁଖମଣ୍ଡଳରୁ ଧୂଳି ପୋଛିବାକୁ ଲାଗିଲେ ଏବଂ କହିଲେ ହେ ଅବୁ ମୁହମ୍ମଦ୍ ! ମୋ ପାଇଁ ଏହି କଥା ଅତ୍ୟନ୍ତ କଷ୍ଟଦାୟକ ଯେ, ମୁଁ ତୋତେ ଆକାଶର ତାରକାର ନିମ୍ନଭଗରେ ଧୂଳିଧୂସରିତ ହୋଇଥିବାର ଦେଖିବାକୁ ଇଚ୍ଛୁକ । ପୁନଶ୍ଚ କହିଲେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ନିଜର ସମସ୍ତ ଦୋଷଦୁର୍ବଳତା ଓ ଯନ୍ତ୍ରଣାକୁ ନିବାରଣ ପାଇଁ ତୁମରି ଆଗରେ ଗୁହାରି କରୁଛି । ହଜ଼ରତ ଅଲୀ ର.ଅ କହିଲେ ଯେ, ମୁଁ ଅଲ୍ଲାଃତାଲାଙ୍କ ନିକଟରେ ନିଜର ଦୁଃଖଯନ୍ତ୍ରଣା ଓ ଦୋଷଦୁର୍ବଳତା ନିବାରଣ ପାଇଁ ଗୁହାରି କରୁଛି । ପୁନଶ୍ଚ ହଜ଼ରତ ଅଲୀ ର.ଅ ତଲହା ର.ଅଙ୍କ ଦୟାବତୀର୍ଣ୍ଣ ପାଇଁ ଦୁଆ କଲେ ଏବଂ କହିଲେ କି ଏପରି ହୋଇଥାନ୍ତା କି ମୁଁ କୋଡ଼ିଏ ବର୍ଷ ପୂର୍ବେ ମରିଯାଇଥାନ୍ତି।

ହୁଜ଼ୁର ଅନୱର ଅ.ବ କହିଲେ ଏଠାରେ ତାଙ୍କର ଚର୍ଚ୍ଚା ସମାପ୍ତ ହେଲା । ବର୍ତ୍ତମାନ ଆଜିକାଲିର ଯେଉଁ ପରିସ୍ଥିତି ରହିଛି ତତ୍ ସଂକ୍ରାନ୍ତରେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଏକ ଇକ୍ତେବାସ୍ ପଢି ଦେଉଛି । ଏକ ଅବସରରେ ହୁଜ଼ୁର ଅ.ସ **ମୁଫ୍ତି** ସାହେବକୁ କହିଲେ ଘରଗୁଡ଼ିକୁ ଆଲୋକମୟ ରଖନ୍ତୁ । କାରଣ ସେତେବେଳେ ଘରଗୁଡ଼ିକରେ ତାଉନ୍ (ପ୍ଲେଗ୍)ର ପ୍ରଭାବ ଥିଲା ଏବଂ ନିଜ ଘରକୁ ସଫା ସୁତୁରା ରଖିବା ଉଚିତ୍ । ନିଜର ପରିହିତ ବସ୍ତ୍ରକୁ ପରିଷ୍କାର ରଖନ୍ତୁ । ପୁନଶ୍ଚ କହିଲେ କି ଆଜିକାଲି ଯେଉଁ ପରିବେଶ ରହିଛି ତାହା ଅତ୍ୟନ୍ତ ବିଷାକ୍ତମୟ ଅଟେ ଏବଂ ନିଜକୁ ତଥା ପରିବେଶକୁ ସର୍ବଦା ସ୍ୱଚ୍ଛ ରଖିବା ଉଚିତ୍ । ଅଲ୍ଲାଃତାଲା ସ୍ୱଚ୍ଛତା ସଂପର୍କରେ କୁରଆନ୍ କରୀମରେ କହନ୍ତି କି **ୱ ସିୟାବକା ଫତହ୍ହିର୍ । ୱର୍ ରୁଯଜ଼ା ଫହ୍ ଜୁର୍ ।** ସେହିପରି ଆଉ ଏକ ସ୍ଥାନରେ ହୁଜ଼ୁର ଅ.ସ କହିଲେ କି ଯେଉଁ ଲୋକମାନଙ୍କ ସହର ଓ ଗ୍ରାମରେ ପ୍ଲେଗ୍ ଭୀଷଣ ଭାବରେ ପରିବ୍ୟାପ୍ତ ହେଉଛି ସେଠାରୁ ଲୋକମାନେ ଅନ୍ୟ ସ୍ଥାନକୁ ପଳାୟନ କରନ୍ତୁ ନାହିଁ । ନିଜ ବାସଗୃହକୁ ସର୍ବଦା ପରିଷ୍କାର ପରିଚ୍ଛନ ରଖନ୍ତୁ, ଗୃହକୁ ଉତ୍ତପ୍ତ ରଖନ୍ତୁ ଏବଂ ଅତ୍ୟାବଶ୍ୟକ ସୁରକ୍ଷା ବ୍ୟବସ୍ଥାକୁ ପ୍ରଧାନ୍ୟ ଦିଅନ୍ତୁ । ଏହାଠୁ ବଳି ଅଲ୍ଲାଃ ତାଲାଙ୍କ ଠାରୁ ପ୍ରକୃତ କ୍ଷମା ପ୍ରାର୍ଥନା କରନ୍ତୁ । ନିଜ ମଧ୍ୟରେ ପବିତ୍ର ପରିବର୍ତ୍ତନ କରି ଅଲ୍ଲାଃତାଲାଙ୍କ ସହିତ ସନ୍ଧି ସ୍ଥାପନ କରନ୍ତୁ । ରାତ୍ରରେ ଉଠି ତହଜ୍ଜୁଦ୍ ନମାଜ଼ରେ ଦୁଆ କରନ୍ତୁ । ପୁନଶ୍ଚ ହୁଜ଼ୁର ଅ.ସ କହିଲେ କି ନିଜ ଅବସ୍ଥାରେ ପ୍ରକୃତ ପରିବର୍ତ୍ତନ ଆଣିବା ଦ୍ୱାରା ହିଁ ଅଲ୍ଲାଃତାଲାଙ୍କ ଶାସ୍ତିରୁ ସୁରକ୍ଷିତ ବା ବର୍ତ୍ତି ରହିପାରିବା । **ୱଲ ନିମା ମା ଫିହ୍ ।** ହୁଜ଼ୁର ଅନୱର କହିଲେ ଏହିଦିନ ମାନଙ୍କରେ ଅଲ୍ଲାଃତାଲା ପ୍ରତ୍ୟେକ ଅମହଦିକୁ ବିଶେଷ ରୂପେ ଦୁଆ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରଶାସନର ନିର୍ଦ୍ଦେଶାବଳୀକୁ ମାନନ୍ତୁ । ଘରକୁ ମଧ୍ୟ ସଫା ରଖନ୍ତୁ ଓ ଝୁଣା ତଥା ଅଗରବତି ଜଳାନ୍ତୁ । ଡ଼ିଟଲ୍ ଲିକ୍ୱିଡ଼ ସିଞ୍ଚନ ଓ ବିଶୋଧନ ମଧ୍ୟ କରିବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ନିଜର କୃପାବୃଷ୍ଟି କରି ଦୟାବତୀର୍ଣ୍ଣ କରନ୍ତୁ । ସେ ଯାହାହେଉ ନା କାହିଁକି ଆମମାନଙ୍କୁ ଏହି ଦିନମାନଙ୍କରେ ବିଶେଷ ରୂପେ ଦୁଆ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ।

................................

KHULASA KHUTBA JUMA HUZOOR ANWAR a.b.a

3rd April 2020

................